**ବିଦାୟକାଳୀନ ସମ୍ବର୍ଦ୍ଧନା**

**କୋରାପୁଟ, (ସ୍ୱ.ପ୍ର):** କୋରାପୁଟ ଲାଣ୍ଡିଗୁଡ଼ାସ୍ଥିତ ସରକାରୀ ମହାବିଦ୍ୟାଳୟ ଅଡିଟୋରିୟମଠାରେ ବୁଧବାର ଏକ ବିଦାୟୀ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ମୁଖ୍ୟ କିରାଣି ନାରାୟଣ ପଣ୍ଡାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏଥିରେ ଅଧକ୍ଷ ଡ. ଶୁଭେନ୍ଦୁ ଶେଖର ପାଢ଼ୀ ସଭାପତିତ୍ୱ କରିଥିଲେ। ଅବସର ପରେ ପଣ୍ଡାଙ୍କୁ ତାଙ୍କର ଅବଶିଷ୍ଟ ଜୀବନ ସୁଖ ଓ ସମୃଦ୍ଧିରେ ଅତିବାହିତ ହେଉ ବୋଲି ପାଢ଼ୀ କାମନା କରିଥିଲେ। ଅଧାପକ ଦିପକ ପଟ୍ଟନାୟକ, ଡ. ପ୍ରକାଶ ପ୍ରଧାନଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ରାୟଗଡ଼ା, ସୁନାବେଡ଼ା ଜଙ୍ଗଲରେ ନିଆଁ

**ରାୟଗଡ଼ା ଅଫିସ, ୩୧।୩**

ଜିଲା ପ୍ରଶାସନ ଏବଂ ବନ ବିଭାଗର ଉଦ୍ୟମରେ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା ପାଇଁ ସମସ୍ତ ଉଦ୍ୟମ କରାଯାଉଛି। ହେଲେ ଗ୍ରାମାଞ୍ଚଳର ଲୋକେ ସଚେତନ ହେଉନାହାନ୍ତି। ବାରମ୍ବାର ଜଙ୍ଗଲରେ ନିଆଁ ଲଗାଇ ମୂଲ୍ୟବାନ୍ ବୃକ୍ଷ ନଷ୍ଟ କରିବା ସହ ବନ୍ୟଜନ୍ତୁଙ୍କ ପାଇଁ ବିପଦ ସାଜୁଛନ୍ତି। ବୁଧବାର ଗୁମା ଘାଟିରୁ ସଂକେଶ ମନ୍ଦିର ପର୍ଯ୍ୟନ୍ତ ଜଙ୍ଗଲରେ ନିଆଁ ଲାଗିଥିବା ଦେଖିବାକୁ ମିଳିଥିଲା। କେହି ନିଆଁ ଲଗାଇ ଚାଲିଯାଇଥିବାବେଳେ ରାସ୍ତା ପାର୍ଶ୍ୱକୁ ନିଆଁ ବ୍ୟାପିଥିଲା। ଫଳରେ ଏହି ରାସ୍ତାରେ ଯାଉଥିବା ଲୋକେ ମଧ୍ୟ ଭୟଭୀତ ହୋଇପଡ଼ିଥିଲେ। ଖବର ପାଇ ରାୟଗଡ଼ା ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେହିପରି ବନ ବିଭାଗ ଟିମ୍ ମଧ୍ୟ ଘଟଣାର ଅନୁଧାନ କରିଥିଲେ। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଲୋକେ ସଚେତନ ନ ହେଲେ କେବଳ ବନ ବିଭାଗ ଜଙ୍ଗଲ ସୁରକ୍ଷା କରିବା ସମ୍ଭବ ହେବନାହିଁ ବୋଲି ବୁଦ୍ଧିଜୀବୀଙ୍କ ମଧ୍ୟରେ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ରାୟଗଡ଼ା ଜିଲାରେ ବନ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ବାରମ୍ବାର ଗ୍ରାମବାସୀଙ୍କୁ ସଚେତନ କରାଯାଉଛି। ଜଙ୍ଗଲ, ବନ୍ୟଜନ୍ତୁ, ଜଙ୍ଗଲ ଜାତ ଦ୍ରବ୍ୟର ମହତ୍ତ୍ୱ ବୁଝାଉଛନ୍ତି। ତଥାପି ଦୁର୍ଗମ ଇଲାକାରେ ରହୁଥିବା ଲୋକେ କୋଇଲା, ପୋଡୁଚାଷ ଆଦି ନାମରେ ନିଆଁ ଲଗାଉଛନ୍ତି। ତେଣୁ ଦୁର୍ଗମ ତଥା ଜଙ୍ଗଲ ନିକଟରେ ବସବାସ କରୁଥିବା ଗ୍ରାମାଞ୍ଚଳର ଲୋକଙ୍କୁ ଅଧିକ ସଚେତନ କରିବା ଜରୁରୀ ବୋଲି ମତପ୍ରକାଶ ପାଉଛି।

**ସୁନାବେଡ଼ା(ସ୍ୱ.ପ୍ର.)**

ଜଙ୍ଗଲରେ ନିଆଁ ନ ଲଗାଇବା ପାଇଁ ବନ ବିଭାଗ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଛି। ତଥାପି ବିଭିନ୍ନ ସମୟରେ ଜଙ୍ଗଲରେ ନିଆଁ ଲଗାଇବା ଯୋଗୁ ବହୁ ମୂଲ୍ୟବାନ ବୃକ୍ଷ ପୋଡ଼ି ନଷ୍ଟ ନଷ୍ଟ ହେଉଛି। ବୁଧବର ଅପରାହ୍ନରେ ହାଲ୍ ପରିସର ଆର୍ ଜୋନ୍ ନିକଟ ପାହାଡ଼ରେ ନିଆଁ ଲାଗିଥିବାବେଳେ ଏଥିରେ ବଡ଼ ବଡ଼ ଗଛ ମଧ୍ୟ ପୋଡ଼ି ଟଳିପଡ଼ିଥିବା ଦେଖିବାକୁ ମିଳିଛି। ଜଙ୍ଗଲର ଉଭୟ ପାର୍ଶ୍ୱ ତଥା ଆର୍. ଜୋନ୍ ୟୁପି ସ୍କୁଲ ନିକଟରୁ ସିସିବିଏଫ୍‌କୁ ଯାଇଥିବା ରାସ୍ତା ପ୍ରାୟ ଦେଢ଼ କି.ମି. ଜଙ୍ଗଲରେ ନିଆଁ ଲାଗିଥିଲା। ଏହାଦ୍ୱାରା ଆଖ ପାଖ ଅଞ୍ଚଳ ଧୂଆଁମୟ ହୋଇପଡ଼ିଥିଲା। ସେମିଳିଗୁଡ଼ା ବନ ବିଭାଗ ପକ୍ଷରୁ ନିଆଁକୁ ଆୟତ୍ତ କରିବା ପାଇଁ ୪ ଫାୟାର ସ୍କ୍ୱାର୍ଡ ଏବଂ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଉଦ୍ୟମ ଜାରି ରଖିଥିବା ସେମିଳିଗୁଡ଼ା ବନାଞ୍ଚଳ ଅଧିକାରୀ ନବୀନ କୁମାର ପଣ୍ଡା ସୂଚନା ଦେଇଛନ୍ତି। ତେବେ ଖବର ଲେଖାଯିବା ପର୍ଯ୍ୟନ୍ତ ନିଆଁ ଲିଭ ନ ଥିବା ଜଣାପଡ଼ିଛି।



ରାୟଗଡ଼ା ଗୁମ୍ମା ଘାଟି ନିକଟ ଜଙ୍ଗଲରେ ନିଆଁ ଲିଭା ଚାଲିଛି।



ସୁନାବେଡ଼ା ହାଲ୍ ଆର୍ ଜୋନ୍ ନିକଟ ପାହାଡରେ ଲାଗିଥିବା ନିଆଁ।

## ଜନବସତି ନିକଟକୁ ମାଡ଼ିଆସୁଥିଲା ନିଆଁ

### ଅଳ୍ପକେ ବର୍ତ୍ତିଲେ ଇନ୍ଦିରା କଲୋନି ବାସିନ୍ଦା




**ବିଷମକଟକ,୩୧।୩**

ପାହାଡ଼ରୁ ନିଆଁ ବ୍ୟାପି ଜନବସତି ନିକଟକୁ ମାଡ଼ିଆସୁଥିଲା। ତେବେ ଠିକ୍ ସମୟରେ ନିଆଁକୁ ଆୟତ୍ତ କରାଯାଇଥିବାରୁ କଲୋନି ବାସିନ୍ଦା ବଡ଼ ଦୁର୍ଘଟଣାରୁ ବର୍ତ୍ତିଯାଇଛନ୍ତି। ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍ ସଦରସ୍ଥିତ ଇନ୍ଦିରା କଲୋନିରେ ଦେଖିବାକୁ ମିଳିଛି ଏଭଳି ଘଟଣା।

ଘଟଣାରୁ ପ୍ରକାଶ, ଇନ୍ଦିରା କଲୋନି ପଛପଟ ପାହାଡ଼ରେ କେହି ନିଆଁ ଲଗାଇବା ଦ୍ୱାରା ତାହା ମଙ୍ଗଳବାରଠାରୁ ଜଳୁଥିଲା। ବୁଧବାର ଏହି ନିଆଁ ଜନବସତି ଆଡ଼କୁ ବ୍ୟାପିଥିଲା। ୧୫ କେଭି ବିଦ୍ୟୁତ୍ ତାର ତଳେ ମଧ୍ୟ ନିଆଁ ବ୍ୟାପିଯାଇଥିଲା। ନିଆଁ ଜନବସତି ଆଡ଼କୁ ମାଡୁଥିବା ଦେଖି ମାଁ ମାର୍କମା କଲେଜର ଯୁକ୍ତ ତିନି ବିଭାଗର ଅଧ୍ୟକ୍ଷ ବି. ରବିଶଙ୍କର ତୁରନ୍ତ ଅଗ୍ନିଶମ ବିଭାଗ ଓ ବିଦ୍ୟୁତ୍ ବିଭାଗକୁ ଜଣାଇଥିଲେ। ଅଗ୍ନିଶମ ବିଭାଗର ବିଦ୍ୟୁତ୍ ବିଭାଗର ଏକ ଟିମ୍ ସେଠାରେ ପହଞ୍ଚି ଦୁଇଘଣ୍ଟାର ଉଦ୍ୟମ ପରେ ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରିବାକୁ ସଫଳ ହୋଇଥିଲେ। ଏଥିପାଇଁ ଦୀର୍ଘ ସମୟ ଧରି ଅଞ୍ଚଳରେ ବିଦ୍ୟୁତ୍ ସରବରାହ ମଧ୍ୟ ବନ୍ଦ ରହିଥିଲା। ତେବେ ଇନ୍ଦିରା କଲୋନି ବାସିନ୍ଦା ନିଆଁରୁ ବର୍ତ୍ତିଯାଇଥିଲେ। ସୂଚନାଯୋଗ୍ୟ, ପାହାଡ଼ ଓ ଜଙ୍ଗଲ ସଫା କରିବା ପାଇଁ ନିକଟସ୍ଥ ଗ୍ରାମବାସୀ ଜଙ୍ଗଲରେ ନିଆଁ ଲଗାଉଛନ୍ତି। କେତେଜଣ ଖଳ ପ୍ରକୃତିର ଲୋକ କିଛିଦିନ ହେଲା ଇନ୍ଦିରା କଲୋନି ଏବଂ ନିକଟବର୍ତ୍ତୀ ପାହାଡ଼ ଓ ଜଙ୍ଗଲରେ ନିଆଁ ଲଗାଉଥିବାରୁ ଏମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ବ୍ଲକ୍ ସ୍ତରୀୟ ନିଯୁକ୍ତିଭିତ୍ତିକ ତାଲିମ ପରାମର୍ଶ

**ମୁନିଗୁଡ଼ା,୩୧।୩(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ୍ ନୂତନ କମ୍ୟୁନିଟି ସେଣ୍ଟରରେ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ଅନ୍ତର୍ଗତ ନିଯୁକ୍ତି ଭିତ୍ତିକ ତାଲିମ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ମୁନିଗୁଡ଼ା ତହସିଲଦାର ଦେବାଶିଷ ଗୌଡ଼ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୁନିଗୁଡ଼ା ବ୍ଲକ୍ ଓଏଲ୍‌ଏମ୍‌ର ଗୋଷ୍ଠୀ ପ୍ରକଳ୍ପ ନିର୍ଦ୍ଦେଶକ କ୍ଷୀରୋଦ ଭୂୟାଁଙ୍କ ପୌରହିତରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ସରପଞ୍ଚ ରାମଚନ୍ଦ୍ର ପିଡ଼ିକାକା, କୁନି ବାରିଆକା, ସମିତିସଭ୍ୟ ହେମନ୍ତି ପିଡ଼ିକାକା, ବିଏସଓ ରଞ୍ଜିତା ବେହେରା ପ୍ରମୁଖ ଯୋଗ ଦେଇଥିଲେ। ୧୮ରୁ୩୫ ବର୍ଷର ବେକାର ଯୁବତୀ, ଯୁବକଙ୍କୁ ଧନ୍ଦାମୂଳକ ତାଲିମ ଶିକ୍ଷା ଦିଆଯାଇ ସେମାନଙ୍କୁ ବିଭିନ୍ନ ସଂସ୍ଥାନରେ ନିଯୁକ୍ତ କରାଯାଇ ଆତ୍ମନିର୍ଭରଶୀଳ କରାଯିବ ବୋଲି ବିପିଏମ୍ କହିଥିଲେ। ଏଥିରେ ମାଗଣାରେ ୩ମାସର ତାଲିମ ଦିଆଯିବ। କାର୍ଯ୍ୟକ୍ରମରେ ୯ ତାଲିମ ପ୍ରଦାନକାରୀ ସଂସ୍ଥା ଯୋଗ ଦେଇଥିଲେ। ଭାରତ ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରାଳୟ ଏବଂ ଓଡ଼ିଶା ସରକାରଙ୍କ ମିଳିତ ଉଦ୍ୟମରେ ଏହି ଅଭିଯାନ ଚାଲିଛି। ମୁନିଗୁଡା ବ୍ଲକ୍‌ର ୧୭ ପଞ୍ଚାୟତରୁ ସବୁ ବର୍ଗର ଯୁବତୀ, ଯୁବକ ଯୋଗଦେଇ ସେମାନଙ୍କ ଇଚ୍ଛା ମୁତାବକ ତାଲିମ ନେବାକୁ ବିଭିନ୍ନ ସଂସ୍ଥାରେ ନାମ ପଞ୍ଜୀକରଣ କରିଥିଲେ। କାର୍ଯ୍ୟକ୍ରମରେ ଜିଆରଏସ୍ ସଂଯୋଜକ ପ୍ରଶାନ୍ତ ସାହୁ, ସହକାରୀ ଯନ୍ତ୍ରୀ ରାମଚନ୍ଦ୍ର ପ୍ରଧାନ, ଯନ୍ତ୍ରୀ ବି. ବି. କିଷାନ, ରାମଚନ୍ଦ୍ର ସୁତାର, ଭିଏଲଡବ୍ଲ୍ୟୁ ପ୍ରଭାକର ନାଲା, କୈଳାଶ ପାତ୍ର, ସଦର୍ଶନ ରାଓ, ସମସ୍ତ ଏମ୍‌ଡିକେ, କୃଷିମିତ୍ର, ପ୍ରାଣୀମିତ୍ର, ସିଆର୍‌ପି ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ରୋଗପୋକ ଚିହ୍ନଟ, ନିରାକରଣ ତାଲିମ



**ଡାବୁଗାଁ/ଉମରକୋଟ, ୩୧।୩ (ଡି.ଏନ୍.ଏ.):** ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ସଦର ମହକୁମାସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରରେ ଚାଲିଥିବା ୧୨ ଦିନିଆ କୀଟନାଶକ ପରିଚାଳନା ତାଲିମ ଶିବିର ଉଦ୍ୟାପିତ ହୋଇଛି। କୃଷିବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ନାରାୟଣ ବାରଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷକ ଭାବେ ମାଲକାନଗିରି ଜିଲା କୃଷିବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ସମୀର ରଞ୍ଜନ ଦାସ, ନବରଙ୍ଗପୁର କୃଷି ଜିଲା ଅଧିକାରୀ ଡ. ଆୟୁର୍ଦେହୀ ମିଶ୍ର, ପାପଡ଼ାହାଣ୍ଡି କୃଷି ଅଧିକାରୀ ଡ. ଆଶିଷ କୁମାର ସାହୁ, ଉମରକୋଟ କୃଷିବିଜ୍ଞାନ କେନ୍ଦ୍ର କ୍ଷେତ୍ର ବିଜ୍ଞାନୀ ପରିତୋଷ ମୁର୍ମୁ, ରୋଗପୋକ ବିଶେଷଜ୍ଞ ରୁଦ୍ରପ୍ରସାଦ ମହାଲିକ, ବିମାନ ରଞ୍ଜନ ବେହେରା ଓ ରୋଗପୋକ ବିଶେଷଜ୍ଞ ନିରଞ୍ଜନ ମାଣ୍ଡି ପ୍ରମୁଖ ତାଲିମ ଦେଇଥିଲେ। ଫସଲରେ ବିଭିନ୍ନ ରୋଗ ପୋକ ଚିହ୍ନଟ, ଏହାର ନିୟନ୍ତ୍ରଣ, ନିରାକରଣ, କୀଟନାଶକ ଆଇନ ଉପରେ ତାଲିମ ଦିଆଯାଇଛି। ଏଥିରେ ଜିଲାର ୧୦ଟି ବ୍ଲକରୁ ମୋଟ ୪୦ ଜଣ କୀଟନାଶକ ଡିଲରମାନେ ସାମିଲ ହୋଇଥିଲେ।

### ଆଶିଷ ରଞ୍ଜନ ସଭାପତି, ରାମ ପ୍ରସାଦ ସାଧାରଣ ସମ୍ପାଦକ

**ନବରଙ୍ଗପୁର,୩୧।୩(ବି.ପ୍ର):** ନବରଙ୍ଗପୁର ଜିଲା ଓକିଲ ସଂଘର ୨୦୨୧ - ୨୨ ନିର୍ବାଚନ ଶେଷ ହୋଇଯାଇଛି। ଚଳିତ ବର୍ଷ ସମସ୍ତ ୫ ପଦବୀ ଏବଂ ୭ କାର୍ଯ୍ୟକାରୀ ସଦସ୍ୟ ପାଇଁ ଭୋଟ ଗ୍ରହଣ କରାଯାଇଥିଲା। ନବରଙ୍ଗପୁର ବରିଷ୍ଠ ଆଇନଜୀବୀ ଆଶିଷ ରଞ୍ଜନ ପଟ୍ଟନାୟକ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ପୂର୍ବତନ ସାଧାରଣ ସମ୍ପାଦକ ରାମ ପ୍ରସାଦ ପାତ୍ର ପୁଣି ଥରେ ସାଧାରଣ ସମ୍ପାଦକ ହୋଇଛନ୍ତି। ସେହିଭଳି ଆଇନଜୀବୀ ପ୍ରତାପ କୁମାର ପଣ୍ଡା ଉପସଭାପତି, ସନ୍ତୋଷ କୁମାର ନାୟକ ଯୁଗ୍ମ ସମ୍ପାଦକ ଏବଂ କୋଷାଧ୍ୟକ୍ଷ ଭାବେ ବିଧୁଶେଖର ନିର୍ବାଚିତ ହୋଇଛନ୍ତି। ସେହିଭଳି କାର୍ଯ୍ୟକାରୀ ସଦସ୍ୟ ଭାବେ ଆଇନଜୀବୀ ଏ.ସତିଶ, ପ୍ରଦୀପ ସାହୁ, ବାଲାଜି ମିଶ୍ର, ଗୋପାଳ କୃଷ୍ଣ ଶତପଥୀ, ମିନାକ୍ଷୀ ପାଢ଼ୀ, ପ୍ରଶାନ୍ତ ପଟ୍ଟନାୟକ, ତପନ ପାଣିଗ୍ରାହୀ ଭୋଟ ପାଇ ବିଜୟୀ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଆଇନଜୀବୀ ସିଏଚ୍ ବାବା ଯୋଗେନ୍ଦର, ଉପ ନିର୍ବାଚନ ଅଧିକାରୀ କିଶୋର ପଟ୍ଟନାୟକ ଓ ଇମ୍ରାନ ସରିଫ ଭୋଟ କାର୍ଯ୍ୟ ପରିଚାଳନା କରିଥିଲେ।

### ଅବସରକାଳୀନ ସମ୍ବର୍ଦ୍ଧନା ସଭା



**ଜୟପୁର ୩୧।୩ (ନି ପ୍ର):** ଜୟପୁର ସ୍ଥିତ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷ ନୀଳାଞ୍ଚଳ ପ୍ରଧାନ ଅବସରଗ୍ରହଣ କରିଥିବାରୁ ତାଙ୍କ ପାଇଁ ଏକ ବିଦାୟକାଳୀନ ସଭା ଅନୁଷ୍ଠିତ ହୋଇଛି। ଏଥିରେ ବିକ୍ରମ ଦେବ ମହାବିଦ୍ୟାଳୟର ଅଧକ୍ଷ ଗୋପାଳ ହାଲଦାର, ଅତୁଲ୍ୟ ପଟ୍ଟନାୟକ, ପ୍ରଶାନ୍ତ ରଥ, ବିଇଓ ରାମଚନ୍ଦ୍ର ବିଷୋୟୀ, ସଚ୍ଚିଦା ନନ୍ଦ ମିଶ୍ର, ମହେନ୍ଦ୍ର ନାଥ ସେଠୀ, ଅପର୍ଣ୍ଣା ମିଶ୍ର, ସୁଶାନ୍ତ ମହାରଣା, ନରସିଂହ ପାଣିଗ୍ରାହୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଅଧକ୍ଷ ପ୍ରଧାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

### ଭି.ଏସ୍.ରାଜୁ ରାୟଗଡ଼ା ଓକିଲ ସଂଘ ସଭାପତି

**ରାୟଗଡ ଅଫିସ, ୩୧।୩:** ରାୟଗଡା ଓକିଲ ସଂଘର ସଭାପତି ଭାବେ ଭି.ଏସ୍. ରାଜୁ ୪୬ଟି ଭୋଟ ପାଇ ସଭାପତି ନିର୍ବାଚିତ ହୋଇଛନ୍ତି। ସେହିଭଳି ରବି ପ୍ରସାଦ ମହାପାତ୍ର ଉପସଭାପତି, ଜଗନ୍ନାଥ ଦୋରା ସମ୍ପାଦକ ଓ ମାନସ ରଞ୍ଜନ ରଥ କୋଷାଧ୍ୟକ୍ଷ ଭାବେ ନିଦ୍ୱର୍ନ୍ଦ୍ୱରେ ଜିତିଛନ୍ତି। ନିର୍ବାଚନ ଅଧିକାରୀ ନବ କୁମାର କାଣ୍ଟାଙ୍କ ତତ୍ତ୍ୱାବଧାନରେ ଭୋଟ ଗ୍ରହଣ ଓ ଗଣତି କରାଯାଇଥିଲା। ୧୩୨ ଜଣ ଭୋଟ ଦେଇଥିଲେ ବୋଲି ଓକିଲ ଲାବଣ୍ୟ ମୋହନ ପଟ୍ଟନାୟକ ଜଣାଇଛନ୍ତି।

## ଅପପୁଷ୍ଟି ରୋକିବାକୁ ସେକ୍ଟରସ୍ତରୀୟ ପୋଷଣ ପକ୍ଷ

**ସେମିଳିଗୁଡ଼ା, ୩୧।୩(ସ୍ୱ. ପ୍ର.)**

ସେମିଳିଗୁଡ଼ା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ରେଙ୍ଗା ସେକ୍ଟରଠାରେ ସେକ୍ଟରସ୍ତରୀୟ ପୋଷଣ ପକ୍ଷ ପାଳିତ ହୋଇଯାଇଛି। ଏଥିରେ ପଟ୍ଟାଙ୍ଗୀ ବିଧାୟକ ପ୍ରୀତମ ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସେକ୍ଟରର ୧୫ଜଣ ଅଙ୍ଗନୱାଡ଼ି କର୍ମୀ, ସହାୟିକାଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ। ସ୍ଥାନୀୟ ଅଞ୍ଚଳରେ ମିଳୁଥିବା ପରିବା, ଫଳ, ଡାଲିଜାତୀୟ, ତୈଳବୀଜ ଜାତୀୟ ଖାଦ୍ୟରୁ କିପରି ଅଧିକ ପୁଷ୍ଟିଯୁକ୍ତ ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତ କରାଯାଇପାରେ ସେନେଇ ଆଲୋଚନା ହୋଇଥିଲା। ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ପ୍ରୋଗ୍ରାମ ଅଫିସର ସୁଚିତା ପଣ୍ଡା, ଏନ୍‌ଓପି ମ୍ୟାନେଜର ମମତା ମହାନ୍ତି, ଜିଲା କୋର୍ଡିନେଟର ମମତା ମହାନ୍ତି, ସୀମା ବେହେରା ସେମିଳିଗୁଡ଼ା ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟର ତିନି ସୁପରଭାଇଜର, ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ ଯୋଗ ଦେଇଥିଲେ। ଅଙ୍ଗନୱାଡ଼ି କର୍ମୀଙ୍କ ଜରିଆରେ କିପରି, କେଉଁ ବୟସର ଛୁଆଙ୍କ ପାଇଁ କେତେ ପରିମାଣର ଖାଦ୍ୟ ରୋଷେଇକରି ୬ମାସଠାରୁ ୬ବର୍ଷର ଶିଶୁଙ୍କୁ ଦେବା, କିଶୋରୀ, ଗର୍ଭବତୀ, ପ୍ରସୂତି କେଉଁ ପ୍ରକାର ପୁଷ୍ଟିକର ଖାଦ୍ୟ ଖାଇଲେ ଅପପୁଷ୍ଟିର ଶିକାର ହେବେ ନାହିଁ ସେ ସମ୍ପର୍କରେ ସେମାନଙ୍କୁ ଅବଗତ କରିବା ଥିଲା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ।

## ଅଙ୍ଗନୱାଡ଼ି କେନ୍ଦ୍ର ନ ଖୋଲିବା ନେଇ ଅସନ୍ତୋଷ

**କୋରୁକୋଣ୍ଡା, ୩୧।୩(ଡି. ଏନ. ଏ)**

ରାଜ୍ୟରେ କରୋନା କଟକଣା ହଟିବା ପରେ ପର୍ଯ୍ୟାୟକ୍ରମେ ସମସ୍ତ ଶିକ୍ଷାନୁଷ୍ଠାନ ଅନୁଷ୍ଠାନ ଖୋଲିଥିଲା। ସକାଳ ୭ଟାରୁ ୧୧ଟା ପର୍ଯ୍ୟନ୍ତ ଅଙ୍ଗନୱାଡ଼ିଗୁଡ଼ିକୁ ଖୋଲିବାକୁ ସରକାର ନିର୍ଦ୍ଦେଶନାମା ଜାରି କରିଥିଲେ। ମାତ୍ର ମାଲକାନଗିରି କୋରୁକୋଣ୍ଡା ବ୍ଲକ କାମବେଡା ପଞ୍ଚାୟତ ଅନ୍ତର୍ଗତ ଏମଭି-୨୮ ନଂ ଗ୍ରାମରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ର ଖୋଲିବା ନେଇ ଏହି ନିର୍ଦ୍ଦେଶନାମାକୁ ଅବମାନନା କରାଯାଇଛି। ଗ୍ରାମର ଅଙ୍ଗନୱାଡ଼ି କେନ୍ଦ୍ରରେ ନିୟୋଜିତ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା କେନ୍ଦ୍ରକୁ ଖୋଲି ନ ଥିବା ଦେଖିବାକୁ ମିଳିଥିଲା। ଫଳରେ କେନ୍ଦ୍ରକୁ ଅଧ୍ୟୟନ କରୁଥିବା କୋମଳମତି ଶିଶୁମାନେ ବୁଧବାର ସକାଳୁ ଯାଇ ଅଙ୍ଗନୱାଡ଼ି ପରିସରରେ ବସିଥିବା ଦେଖିବାକୁ ମିଳିଥିଲା। ଏହା ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ସକାଳ ୯ ଟାରେ ଅଙ୍ଗନୱାଡ଼ି କର୍ମୀ ପହଞ୍ଚି ତାଲା ଖୋଲିଥିଲେ।



କେନ୍ଦ୍ର ବାହାରେ ପିଲାମାନେ ବସି ରହିଛନ୍ତି।

ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ସିଡ଼ିପିଓ ନିମିମା ମଣ୍ଡଳଙ୍କୁ ପଚାରିବାରୁ ସେ ଅଭିଯୋଗର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଛନ୍ତି।

## ପାତରଅନ୍ତର ପ୍ରତିବାଦ କରିବାରୁ ଦୁର୍ବ୍ୟବହାର ଅଭିଯୋଗ

**କୋରୁକୋଣ୍ଡା, ୩୧।୩(ଡି.ଏନ. ଏ)**

ବାଲିମେଳା ଏନଏସିସ୍ଥିତ ଗୋପବନ୍ଧୁ ଛକ ନିକଟରେ ମାସ୍କ ଯାଞ୍ଚ ଚାଲିଥିବା ସମୟରେ ଏନଏସିର କର୍ମଚାରୀମାନେ ୨ ଜଣ ଶ୍ରମିକ ମାସ୍କ ନ ପିନ୍ଧି ଯାଉଥିବାରୁ ସେମାନଙ୍କ ଚାଲାଣ କାଟିଥିଲେ। ସେହି ସମୟରେ ବାଲିମେଳା ଜଳ ବଦ୍ୟୁତ କେନ୍ଦ୍ରର କେତେକ କର୍ମଚାରୀ ମାସ୍କ ନ ପିନ୍ଧି ବାଇକରେ ଯାଉଥିଲେ। ସେମାନଙ୍କଠାରୁ ଏଥିପାଇଁ ଜରିମାନା ଆଦାୟ ହୋଇଲ ନ ଥିଲା। ସେଠାରେ ଉପସ୍ଥିତ ଥିବା ପ୍ରଦୀପ ରାଉଳ ଏନଏସି କର୍ମଚାରୀଙ୍କୁ କାହିଁକି ସେହି ସରକାରୀ କର୍ମଚାରୀଙ୍କଠାରୁ ଫାଇନ ଆଦାୟ କଲେ ନାହିଁ ବୋଲି ପଚାରି ଥିଲେ। ଏନଏସିର କର୍ମଚାରୀ ରମଣୀ ନାୟକ ପ୍ରଦୀପଙ୍କୁ ତମେ କିଏ ମୋତେ ପଚାରିବାକୁ କହି ତଙ୍କୁ ଗାଳିଗୁଲଜ କରିଥିଲେ। ପରେ ପ୍ରଦୀପ ଆପୋଷ ବୁଝାମଣା ପାଇଁ ଏନଏସି କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ମଧ୍ୟ ରମଣୀ କାର୍ଯ୍ୟନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ରଥଙ୍କ ଉପସ୍ଥିତିରେ ପ୍ରଦୀପଙ୍କୁ ଦୁର୍ବ୍ୟବହାର କରିଥିଲେ। ବୁଧବାର ଏହାର ପ୍ରତିବାଦ କରାଯାଇଛି। ଏକ ଦାବିପତ୍ର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି।

## ପଦୋନ୍ନତି ପାଇଥିବା କର୍ମଚାରୀଙ୍କୁ ଛାଡୁନାହାନ୍ତି ଅଧିକାରୀ

**ମାଲକାନଗିରି,୩୧।୩(ଡି.ଏନ୍.ଏ.)**

- ପୂର୍ବରୁ ଅନ୍ୟତ୍ର ବଦଳିହୋଇ ପୋଟେରୁକୁ ପୁଣି ଫେରିଛନ୍ତି
- ରାଜ୍ୟ କର୍ତ୍ତୃପକ୍ଷଙ୍କ ଚିଠିର ଗୁରୁତ୍ୱ ନାହିଁ
- ନଥିପତ୍ର ଅପ୍ ଟୁ ଡେଟ୍ ପରେ ରିଲିଭ୍ କରାଯିବ

ମାଲକାନଗିରି ଜିଲା ପୋଟେରୁ ଜଳସେଚନ ବିଭାଗରେ କାର୍ଯ୍ୟରତ ଜଣେ ବରିଷ୍ଠ କିରାଣି ନବୀନ ଡାକୁଆ ଏକବର୍ଷ ହେଲା ପଦୋନ୍ନତି ପାଇ ବଦଳି ହୋଇଥିଲେ ମଧ୍ୟ ସେ ଏଠାରୁ ତାଙ୍କ ବଦଳି ସ୍ଥାନ ବ୍ରହ୍ମପୁର ଆର୍‌ଭିଏନ୍ ପ୍ରକଳ୍ପରେ ଯୋଗ ଦେଉନାହାନ୍ତି। ଏନେଇ ସେହି କାର୍ଯ୍ୟାଳୟର କର୍ମଚାରୀ ଆର୍. ଶ୍ରୀନିବାସ ଚୌଧୁରୀ ଜିଲାପାଳଙ୍କୁ ସାକ୍ଷାତକରି ଅଭିଯୋଗ କରିଛନ୍ତି। ଡାକୁଆଙ୍କ ନାମରେ ପୂର୍ବରୁ ଅନେକ ଅଭିଯୋଗ ହୋଇଛି। ଏହାକୁ ଭିତ୍ତିକରି ତାଙ୍କୁ ଏଠାରୁ ଜିଲା ବାହାରକୁ ବଦଳି କରାଗଲେ ମଧ୍ୟ ସେ କିଛି ମାସ ପରେ ପୁଣି ବାଲିମେଳା ପୋଟେରୁ ଜଳସେଚନ ବିଭାଗକୁ ବଦଳି ହୋଇ ଚାଲି ଆସନ୍ତି। ଏବେ ସେ ବର୍ଷେ ହେଲା ପଦୋନ୍ନତି ପାଇଥିଲେ ମଧ୍ୟ ପୋଟେରୁ ଜଳସେଚନ ବିଭାଗର ମୋହ ଛାଡି ପାରୁନାହାନ୍ତି। ବିଭାଗୀୟ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ମଧ୍ୟ ଡାକୁଆଙ୍କୁ ଛାଡୁନାହାନ୍ତି। ତାଙ୍କୁ ତୁରନ୍ତ ରିଲିଭ କରିବା ପାଇଁ ରାଜ୍ୟ ଜଳସେଚନ ବିଭାଗ ମୁଖ୍ୟ ପୋଟେରୁ ଯନ୍ତ୍ରୀଙ୍କୁ ବାରମ୍ବାର ଚିଠି ଲେଖୁଥିଲେ ମଧ୍ୟ ଚିଠିର ଗୁରୁତ୍ୱ ରହୁନାହିଁ। ପୋଟେରୁ ଜଳସେଚନ ବିଭାଗ ମୁଖ୍ୟଯନ୍ତ୍ରୀ ଚନ୍ଦ୍ରଶେଖର ମିଶ୍ରଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କହିଲେ ଯେ, ଦକ୍ଷ କର୍ମଚାରୀ ଅଭାବ ଥିବାରୁ ବିଭାଗୀୟ ନଥିପତ୍ର ଅପ୍ ଟୁ ଡେଟ୍ ପାଇଁ ଡାକୁଆଙ୍କୁ ରିଲିଭ କରାଯାଇନାହିଁ। ମାର୍ଚ୍ଚ ମାସ ପରେ ଡାକୁଆଙ୍କୁ ରିଲିଭ୍ କରାଯିବ ବୋଲି ସେ କହିଛନ୍ତି।

## ସ୍ମାର୍ଟ ହେବ ଚିତ୍ରକୋଣ୍ଡା ହାଇସ୍କୁଲ

**ଚିତ୍ରକୋଣ୍ଡା,୩୧।୩(ଡି.ଏନ.ଏ.)**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟକୁ ସ୍ମାର୍ଟ ସ୍କୁଲ କରିବାକୁ ନିଷ୍ପତ୍ତି ହୋଇଛଇ। ମାଲକାନଗିରି ଜିଲାରେ ୧୦୫ଟି ହାଇସ୍କୁଲ ତାଲିକାରେ ଥିବା ବେଳେ, ପ୍ରଥମ ପର୍ଯ୍ୟାୟରେ ୬ଟି ସ୍କୁଲକୁ ଏଥିରେ ସାମିଲ କରାଯାଇଛି। ପଛୁଆ ଅଞ୍ଚଳର ପିଲାମାନେ କିପରି ଉନ୍ନତମାନର ପାଠ ପଢ଼ି ପାରିବେ ଏବଂ ସେମାନେ ଅନ୍ୟ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ପିଲାଙ୍କ ସମକକ୍ଷ ହେଇପାରିବ ତାହା ହେଉଛି ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ସ୍କୁଲର ପୁରୁଣା କ୍ଲାସରୁମକୁ ସ୍ମାର୍ଟ କ୍ଲାସରେ ପରିଣତ କରିବା ପାଇଁ ପଦକ୍ଷେପ ନିଆଯିବ। କ୍ଲାସରୁମରେ ହାଇ ସ୍ପିଡ ଇଣ୍ଟରନେଟ ସେବା, ଉନ୍ନତମାନର ପରଦା, ୱେବ କ୍ୟାମେରା,ଡିଜିଟାଲ ମଞ୍ଚ, ୩ ଡି ଆନିମେସନ, ଗ୍ରାଫିକ୍ସ,ଭର୍ଚୁଆଲ ଲେବ୍ରୋଟାରି, ଇ ଲାଇବ୍ରେରୀ ପରି ସମସ୍ତ ସୁବିଧା ଉପଲବ୍ଧ ହେବ। ୧୯୬୮ରେ ପ୍ରତିଷ୍ଠିତ ଚିତ୍ରକୋଣ୍ଡା ହାଇସ୍କୁଲ ଏକ ପୁରାତନ ସ୍କୁଲ। ବର୍ତ୍ତମାନ ଏଠାରେ ୪୩୯ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। କିଛିଦିନ ତଳେ ଏହି ସ୍କୁଲକୁ ସ୍କୁଲର ପୂର୍ବତନ ଛାତ୍ର ପୋଲିସ ଗୃହ ନିର୍ମାଣ ବିଭାଗ ଡିଜି ସୁଧାଂଶୁ ଷଡଙ୍ଗୀ ପୋଷ୍ୟ ସ୍କୁଲ ଭାବରେ ଗ୍ରହଣ କରିଥିଛନ୍ତି। ଏହି କାର୍ଯ୍ୟକ୍ରମ ବୁଧବାର ୫ଟି ସଚିବ ଭିକେ ପଣ୍ଡିୟାନ ମାଲକାନଗିରି ଜିଲା ପାଇଁ ଭିଡିଓ କନଫରେନ୍ସ ମାଧ୍ୟମରେ ଶୁଭାରମ୍ଭ କରିଥିଲେ। ଏହି ସମୟରେ ୬ଟି ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ, ସ୍କୁଲ କମିଟି କର୍ମକର୍ତ୍ତା,ଛାତ୍ରୀଛାତ୍ରୀ, ଜିଲାପାଳ ଡ଼ା ୱାଇ. ବିଜୟ ଭିଡିଓ କନଫରେନ୍ସ ମାଧ୍ୟମରେ ଯୋଡ଼ି ହେଇଥିଲେ। ବିଡିଓ ଟି.ପଦ୍ମନାଭ ଦୋରା, କୋରୁକୋଣ୍ଡା ବିଇଓ ପତିତପାବନ ଦାସ, ପ୍ରଧାନ ଶିକ୍ଷୟିତ୍ରୀ ଜାନକୀ ହନ୍ତାଲ, ସ୍କୁଲର ପୁରାତନ ଛାତ୍ର ସଭାପତି ଦେବେନ୍ଦ୍ର ଦାଶ,ରାଜକମଲ ପୁରୋହିତ,ରବୀନ୍ଦ୍ର କୁମାର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ସ୍କୁଲକୁ ସ୍ମାର୍ଟ ସ୍କୁଲରେ ପରିଣତ କରିବା ପାଇଁ ପ୍ରତ୍ୟେକ ସ୍କୁଲକୁ ୫୦ରୁ ୬୦ ଲକ୍ଷ ଟଙ୍କାର ଅନୁଦାନ ମିଳିବ।

## ଡଙ୍ଗରିଆଙ୍କ ପାଇଁ ଭରସା ଝରଣାପାଣି

**ବିଷମକଟକ,୩୧।୩**

- ପାନୀୟ ଜଳ ପାଇଁ ଡହଳବିକଳ କୁର୍ଲି ପଞ୍ଚାୟତବାସୀ
- ଅଞ୍ଚଳରେ ନଳକୂପଟିଏ ନାହିଁ
- ଇଚ୍ଛାଶକ୍ତିର ଅଭାବ ଯୋଗୁ ହୋଇପାରୁନି ସୋଲାର ଟାଙ୍କି ବ୍ୟବସ୍ଥା

ରାୟଗଡ଼ା ଜିଲା ନିୟମଗିରି ପାଦଦେଶରେ ବସବାସ କରୁଥିବା ଡଙ୍ଗରିଆମାନେ ଦୀର୍ଘଦିନ ଧରି ବିଭିନ୍ନ ସମସ୍ୟା ସହ ଲଢ଼େଇ କରୁଛନ୍ତି। ସରକାରଙ୍କ ପକ୍ଷରୁ ଅନେକ ବିକାଶମୂଳକ ଯୋଜନା କାର୍ଯ୍ୟକାରୀ ହେଉଥିଲେ ମଧ୍ୟ ଏମାନଙ୍କ ପାଇଁ ତାହା ଅପହଞ୍ଚ ହୋଇଛି। ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଲକ୍ଷ୍ୟରେ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ହେଲେ ଡଙ୍ଗରିଆଙ୍କ ପାଇଁ ଝରଣା ଜଳ ଏକମାତ୍ର ଭରସା ହୋଇଛି। ବିଷମକଟକ ବ୍ଲକ୍ କୁର୍ଲି ପଞ୍ଚାୟତରେ ଦେଖିବାକୁ ମିଳିଛି ଏପରି ସ୍ଥିତି।

ଏ ପର୍ଯ୍ୟନ୍ତ ପଞ୍ଚାୟତରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ହୋଇପାରିନାହିଁ। ପାଣି ବୁନ୍ଦାଏ ପାଇଁ ଏଠାକାର ଅଧିବାସୀ ଡହଳବିକଳ ହେଉଛନ୍ତି। ପାହାଡ଼, ଜଙ୍ଗଲ ଘେରା ଏହି ଅଞ୍ଚଳରେ ପ୍ରାୟ ୨୨ ଖଣ୍ଡ ଗାଁ ରହିଛି। ହେଲେ ପାନୀୟ ଜଳର ସୁବିଧା ନ ଥିବା ଯୋଗୁ ଏମାନେ ଖରା ଆରମ୍ଭରୁ ଜଳକଷ୍ଟ ଭୋଗୁଛନ୍ତି। ଏ ନେଇ ଅନେକ ଥର ପ୍ରଶାସନର ଦୃଷ୍ଟି ଆକର୍ଷଣ



ଡଙ୍ଗରିଆ ମହିଳାମାନେ ଏକ ଝରଣା ନିକଟରୁ ପାଣି ସଂଗ୍ରହ କରୁଛନ୍ତି।

କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । କୁର୍ଲି ପଞ୍ଚାୟତର ଖମ୍ବେଶି, ରଡାଙ୍ଗ, ପାତଲମ୍ବା, ହୁଟେଶି, ଗରତେଲି, ସାଗଦୀ, ଆରଶାକାନି, ଜାଙ୍ଗଯୋଡ଼ି, କାଡ୍ରାଗୁମା, ହିଙ୍ଗାବାଡ଼ି ଓ ବଣ୍ଠିଲି ସମେତ ଅନେକ ଗ୍ରାମରେ ଲୋକେ ପାନୀୟ ଜଳ ପାଇଁ ବହୁ କଷ୍ଟ ଭୋଗୁଛନ୍ତି। ଅନେକ ଗ୍ରାମରେ ନଳକୂପ ମଧ୍ୟ ନାହିଁ। ପ୍ରଶାସନ ଚାହିଁଲେ ଦୁର୍ଗମ ଅଞ୍ଚଳରେ ସୋଲାର ଟାଙ୍କି ମାଧ୍ୟମରେ ପାନୀୟ ଜଳର ସୁବିଧା ହୋଇପାରନ୍ତା। କିନ୍ତୁ ଇଚ୍ଛାଶକ୍ତିର ଅଭାବ ଯୋଗୁ ତାହା ମଧ୍ୟ ହୋଇପାରୁନାହିଁ। ଫଳରେ ଡଙ୍ଗରିଆମାନେ ପ୍ରତ୍ୟେକ ଦିନ ପାଣି ପାଇଁ ସଂଘର୍ଷ କରୁଛନ୍ତି। ପାନୀୟ ଜଳ ନିମନ୍ତେ ପାହାଡ଼ର ଝରଣାପାଣି ଉପରେ ନିର୍ଭର କରୁଛନ୍ତି। ଉକ୍ତ ଝରଣାପାଣି ପାଇଁ ମଧ୍ୟ ଅନେକ ବାଟ ଯିବାକୁ ପଡୁଥିବାବେଳେ ସେହି ପାଣି ପିଇ ଅନେକେ ରୋଗରେ ମଧ୍ୟ ଆକ୍ରାନ୍ତ ହେବାକୁ ପଡୁଛି। ତଥାପି ନିୟମଗିରି ଅଞ୍ଚଳବାସୀଙ୍କ କଥା ପ୍ରଶାସନ କିମ୍ବା ରାଜନେତା କେହି ଶୁଣୁ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଏ ନେଇ ବିଷମକଟକ ବିଡିଓଙ୍କୁ ପଚାରିବାରୁ ସେ କହିଛନ୍ତି, ବିଭିନ୍ନ ଗ୍ରାମରେ ରହିଥିବା ପାନୀୟ ଜଳ ସମସ୍ୟାକୁ ବ୍ଲକ୍ ପ୍ରଶାସନ ଗୁରୁତର ସହ ଗ୍ରହଣ କରିଛି। ପାହାଡ଼ିଆ ଅଞ୍ଚଳ ହୋଇଥିବାରୁ ନଳକୂପ ଖୋଳିବାରେ ସମସ୍ୟା ହେଉଛି। ତଥାପି ପାନୀୟ ଜଳର ସୁବିଧା କରାଯିବ ବୋଲି ସେ କହିଛନ୍ତି। ତେବେ ଆଗକୁ ଆହୁରି ଖରା ରହିଥିବାବେଳେ ଶୀଘ୍ର ସମସ୍ୟାର ସମାଧାନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

**ଭାସିଯାଇଥିବା ବୃଦ୍ଧଙ୍କ ମୃତଦେହ ଜବତ**

ଜୟପୁର, (ନି.ପ୍ର.): କୋରାପୁଟ ଜିଲା ଜୟପୁର ବ୍ଲକ କୁମୁଲିପୁଟ ପଞ୍ଚାୟତ ଦଣ୍ଡସନାଗୁଡା ଗ୍ରାମର ନିକଟସ୍ଥ କେନାଲରେ ଗାଧୋଉଥିବା ସମୟରେ ସୋମବାର ବୃଦ୍ଧ ସମ୍ଭାରୁ ଜାନି ଭାସି ଯାଇଥିଲେ। ବହୁ ଖୋଜାଖୋଜି ପରେ ଦୀର୍ଘ ୪୮ ଘଣ୍ଟା ପରେ ଜୟନ୍ତୀଗିରି ନିକଟରୁ ତାଙ୍କ ମୃତଦେହ ଜବତ କରିଛି ପୋଲିସ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ସଂକ୍ଷେପରେ

### କୋରାପୁଟ ଜିଲାରୁ ୫ କରୋନା ପଜିଟିଭ

ଜୟପୁର ୩୧।୩ (ନି ପ୍ର) : ରାଜ୍ୟ ଓ ରାଜ୍ୟ ବାହାରେ କରୋନା ସଂକ୍ରମଣ ବଢୁଥିବା ବେଳେ କୋରାପୁଟ ଜିଲାରେ ମଧ ଏହାର ଦ୍ୱିତୀୟ ଲହର ଦେଖିବାକୁ ମିଳିଛି। ଜିଲାରେ ବୁଧବାର ୫ ଜଣ କୋରନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧରୁ ୪ ଜଣ ଜୟପୁର ପୌରଅଞ୍ଚଳର ହୋଇଥିବା ବେଳେ ଅନ୍ୟ ଜଣେ କୋରାପୁଟ ଏଲଆଇସି କୋଲନୀର ବୋଲି ଜଣାଯାଇଛି। ଏନେଇ ପ୍ରଶାସନ ପକ୍ଷରୁ କୋଭିଡ୍ ନିୟମ ପାଳନ କରିବାକୁ ଲୋକଙ୍କୁ କୁହାଯାଉଛ ଆମାନିଆଙ୍କ ଠାରୁ ଜରିମାନା ମଧ ଆଦାୟ ହେଉଛି। ଜିଲାର ସୀମାନ୍ତ ଛତିଶଗଡ ରହିଛି। ଏଠାରେ କରୋନା ସଂକ୍ରମଣ ଅଧିକ ରହିଛି। ତେବେ ଛତିଶଗଡକୁ ଜୟପୁର, କୋରାପୁଟ, ଦାମାନେଯାଡିରୁ ପ୍ରତ୍ୟେହ ବସ୍ ଚଳାଚଳ କରୁଥିବାରୁ ଲୋକେ ଚିନ୍ତାରେ ପଡିଛନ୍ତି। ଗତ ୧୨ ଦିନ ଭିତରେ ଜିଲାରେ ୨୧ ଜଣ କୋରାନା ପିଜିଟିଭ ଚିହ୍ନଟ ହେଲେଣି। ଏହା ଜିଲା ପ୍ରଶାସନର ଚିନ୍ତା ବଢ଼ାଇ ଦେଇଛି।

### ସଚେତନ ହେଲେ ଦିବ୍ୟାଙ୍ଗ

ରାୟଗଡ଼ା ଅଫିସ, ୩୧।୩: ରିସୋର୍ସ (ଭୁବନେଶ୍ୱର) ଓ ରାୟଗଡ଼ା ଭିନ୍ନକ୍ଷମ ମହାସଂଘର ମିଳିତ ଆନୁକୂଲ୍ୟରେ ରାୟଗଡ଼ା ଜିଲା କୋଲନରା ବ୍ଲକ୍‌ର ଦିବ୍ୟାଙ୍ଗ, ବୃଦ୍ଧ ଓ ଅସହାୟ ଲୋକଙ୍କୁ ସରକାରୀ ସୁବିଧା ଓ ଯୋଜନା ଉପରେ ସଚେତନ କରାଇବା ନିମନ୍ତେ ‘ମୋ ଅଧିକାର’ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ରିସୋର୍ସର ପ୍ରତିଷ୍ଠାତା ଦେବାଶିଷ ଲେଙ୍କାଙ୍କ ପ୍ରଚେଷ୍ଟାରେ ଆୟୋଜିତ କାର୍ଯ୍ୟକ୍ରମ ମାଧମରେ ଦିବ୍ୟାଙ୍ଗମାନଙ୍କୁ ସେମାନଙ୍କ ଅଧିକାର ଏବଂ ଏହାକୁ କିପରି ହାସଲ କରିପାରିବେ ସେ ବିଷୟରେ ଅବଗତ କରାଯାଇଥିଲା। ଏହି ଅବସରରେ ଭୁବନେଶ୍ୱରସ୍ଥିତ ରିସୋର୍ସ ଏବଂ ରାୟଗଡ଼ା ଭିନ୍ନକ୍ଷମ ମହାସଂଘ ତରଫରୁ ମହାସଂଘର ସଭାପତି ରାକେଶ ଚନ୍ଦ୍ର ହିମିରିକା, ଅମରେନ୍ଦ୍ର ନାଥ ଓ ଶିଶିର ରାଉଳ ଯୋଗଦେଇ ଦିବ୍ୟାଙ୍ଗମାନଙ୍କ ଅଧିକାର ବିଷୟରେ ଆଲୋଚନା କରିଥିଲେ। ଜିଲା ପରିଷଦ ସଭ୍ୟ ବୃନ୍ଦାବନ ହିମିରିକା, ନାଏବ ସରପଞ୍ଚ ଏସ୍. ମୋହନ ରାଓ, ପୂର୍ବତନ ନାଏବ ସରପଞ୍ଚ ଏଷ୍ଟକା ଆହ୍ଲା ପ୍ରମୁଖ ଅତିଥିଭାବେ ଯୋଗଦେଇ ଦିବ୍ୟାଙ୍ଗମାନଙ୍କୁ ପଥ ପ୍ରଦର୍ଶନ କରିଥିଲେ। ହେମାନନ୍ଦ ପରିଡ଼ା, ଲକ୍ଷ୍ମୀ ପୋଲାକାଙ୍କ ସମେତ ତାଣ୍ଡିପୁର ଦିବ୍ୟାଙ୍ଗ ମହାଲକ୍ଷ୍ମୀ ଏସ୍‌ଏଚ୍‌ଜିର ସଦସ୍ୟମାନେ ଉପସ୍ଥିତ ଥିଲେ। ଶିଶିର ରାଉଳ ଧନ୍ୟବାଦ ଦେଇଥିଲେ।

### ପାନୀୟ୍ ଜଳ ମେଶିନ୍ ଉଦ୍‌ଘାଟନ କଲେ ଏମ୍‌ପି

ଉମରକୋଟ, ୩୧।୩(ସ୍ୱ.ପ୍ର.): ନବରଙ୍ଗପୁର ଜିଲା ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରାଜ୍ୟସଭା ସଦସ୍ୟ ମୁନା ଖାଁ ଏକ ଆର୍‌ଓ ପ୍ଲାଣ୍ଟ ଉଦ୍‌ଘାଟନ କରିଛନ୍ତି। ଏମ୍‌ପିଙ୍କ ପାଣ୍ଠିରୁ ଏହି ପ୍ରକଳ୍ପ କାମ କରାଯାଇଛି। ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇବା ଲକ୍ଷ୍ୟରେ ଏହି ପ୍ରକଳ୍ପ ତିଆରି କରାଯାଇଥିବା ସୂଚନା ମିଳିଛି।

### ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ଡାବୁଗାଁ, ୩୧।୩ (ଡି.ଏନ୍.ଏ.): ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ଶିକ୍ଷକ ନିଳାଞ୍ଚଳ ପଣ୍ଡାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଓଡିଶା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବିକାଶ ରଞ୍ଜନ ନିଶଙ୍କଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଇଓ ପ୍ରଶାନ୍ତ ହୋତା ମୁଖ୍ୟ ଅତିଥି, ଏବିଇଓ ଲକ୍ଷ୍ମୀକାନ୍ତ ବାହିନୀପତି ମୁଖ୍ୟବକ୍ତା, ଏବିଇଓ ମହେଶ ଚନ୍ଦ୍ର ଶାହା, ଅଞ୍ଜଳି ବିଶ୍ୱାସ, ସଚିନ ମଲ୍ଲିକ, ନିୟମିତ ପ୍ରାଥମିକ ଶିକ୍ଷକ ସଂଘ ସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ଏକ୍ସ କ୍ୟାଡର ଗଣଶିକ୍ଷକ ସଂଘ ସଭାପତି ବଲ୍ଲଭ ନାରାୟଣ ପଣ୍ଡା ପ୍ରମୁଖ ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ଥିଲେ। ସଂଘ ସମ୍ପାଦକ ସୁରେଶ ଚନ୍ଦ୍ର ବେହେରା ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ଶ୍ରୀକାନ୍ତ ପଣ୍ଡା, ହେମନ୍ତ ପଣ୍ଡା, ସୌଭାଗ୍ୟ ବିଶ୍ୱାଳ, ଦୀପକ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ଶିଶୁ ମୃତ୍ୟୁକୁ ନେଇ ଡାକ୍ତରଖାନାରେ ଉତ୍ତେଜନା

## ଗୁଗଲ୍ ସର୍ଚ୍ଚ କରି ଡାକ୍ତର ଇଞ୍ଜେକ୍ସନ ଦେଇଥିବା ଅଭିଯୋଗ

ନବରଙ୍ଗପୁର/ଡାବୁଗାଁ, ୩୧।୩ (ବି.ପ୍ର./ଡି.ଏନ୍.ଏ.)

ଡାବୁଗାଁ ଡାକ୍ତରଖାନାରେ ଶିଶୁ ମୃତ୍ୟୁକୁ ନେଇ ବୁଧବାର ଉତ୍ତେଜନା ଦେଖାଦେଇଛି। ଡାକ୍ତର ଗୁଗଲ୍‌ରୁ ସର୍ଚ୍ଚକରି ଇଞ୍ଜେକ୍ସନ ଦେଇଥିବା ମୃତ ଶିଶୁର ପରିବାର ଲୋକେ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ କରିବାକୁ ସେମାନେ ଦାବି କରିଛନ୍ତି। ଏହାକୁ ନେଇ ବୁଧବାର ମଧ୍ୟାହ୍ନରେ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚାପା ଉତ୍ତେଜନା ଦେଖାଦେଇଥିଲା। ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ନୀଳାଦ୍ରିଗୁଡ଼ା ଗାଁର ପ୍ରଶାନ୍ତ ବିଷୋୟୀ ସ୍ତ୍ରୀ ଅମୃତା ଓ ୬ମାସର ଶିଶୁପୁତ୍ର ଶ୍ରୀୟାଂଶୁଙ୍କୁ ନେଇ ଡାବୁଗାଁ ବ୍ଲକ ବଡଓଲମାସ୍ଥିତ ଶ୍ୱଶୁରଘରକୁ ଆସିଥିଲେ। ଥଣ୍ଡା କାଶ ହେଉଥିବାରୁ ସେମାନେ ବୁଧବାର ଶ୍ରୀୟାଂଶୁଙ୍କୁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ଡ୍ୟୁଟିରେ ଥିବା ଡାକ୍ତର ସନ୍‌ଲପ ପଟ୍ଟନାୟକ ଶ୍ରୀୟାଂଶୁଙ୍କୁ ଦେଖିଥିଲେ। ଏହାପରେ ସେ ଗୁଗଲ୍ ସର୍ଚ୍ଚ କରି ସେ ଏକ ଇଞ୍ଜେକ୍ସନ ଲେଖିଥିଲେ। ଇଞ୍ଜେକ୍ସନ ନେବାର ୧୫ ମିନିଟ୍ ମଧ୍ୟରେ ଶ୍ରୀୟାଂଶୁ ଆଖିବୁଜି ଦେଇଥିଲା ବୋଲି ପ୍ରଶାନ୍ତ ଅଭିଯୋଗ କରିଛନ୍ତି। ଏହାପରେ ଶିଶୁପୁତ୍ରର ପରିବାର ଓ ସମ୍ପର୍କୀୟ ଲୋକେ ଡାକ୍ତରଖାନାରେ ହୋହାଲ୍ଲା କରିଥିଲେ। ଖବରପାଇ ପୋଲିସ ସେଠାରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା। ଏ ନେଇ ଡାକ୍ତର ସନ୍‌ଲପ ପଟ୍ଟନାୟକଙ୍କୁ ଯୋଗାଯୋଗ କରିବାରୁ ଘଟଣା ସମ୍ପର୍କରେ ସ୍ୱାସ୍ଥ୍ୟକେନ୍ଦ୍ର ଇନ୍‌ଚାର୍ଜଙ୍କୁ ପଚାରନ୍ତୁ ବୋଲି ସେ କହିଥିଲେ। ଡାବୁଗାଁ ସ୍ୱାସ୍ଥ୍ୟକେନ୍ଦ୍ର ଇନ୍‌ଚାର୍ଜ ଡାକ୍ତର ଶୁଭାଶିଷ ସାହୁଙ୍କୁ ପଚାରିବାରୁ ସେ ଡାକ୍ତରଖାନାରେ ନ ଥିଲେ। ଘଟଣା ସମ୍ପର୍କରେ ଅବଗତ ନ ଥିବା ସେ କହିଛନ୍ତି। ଜିଲାପାଳ ଅଜିତ୍ କୁମାର ମିଶ୍ରଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ସିଡିଏମ୍‌ଓଙ୍କ ସହ ଆଲୋଚନା କରି ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।



ଶିଶୁ ମୃତ୍ୟୁ ପରେ ପରିବାର ଓ ସମ୍ପର୍କୀୟମାନେ ଡାବୁଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ହୋହାଲ୍ଲା କରୁଛନ୍ତି।

# ୭୪ ଯୁବତୀଯୁବକ ନେବେ ଜୀବିକା ତାଲିମ

## ବ୍ଲକ୍ ସ୍ତରୀୟ ନିଯୁକ୍ତିଭିତ୍ତିକ ତାଲିମ ପରାମର୍ଶ ଶିବିର

ରାୟଗଡ଼ା ଅଫିସ, ୩୧।୩

ରାୟଗଡ଼ା ବ୍ଲକ୍ ପରିସରରେ ମଙ୍ଗଳବାର ବ୍ଲକ୍‌ସ୍ତରୀୟ ନିଯୁକ୍ତିଭିତ୍ତିକ ତାଲିମ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ପରିଷଦ ସଭାପତି ଗଙ୍ଗାଧର ପୁଆଲା, ଡିଆର୍‌ଡିଏ ପିଡି ମହେଶ୍ୱର ନାୟକ ଓର୍‌ମାସର ସହକାରୀ ନିର୍ଦ୍ଦେଶକ ମନୋଜ ପାତ୍ର, ବ୍ଲକ୍ ଅଧକ୍ଷ ପି. ରାମୁଲୁ, ଜିଲା ପରିଷଦ ସଦସ୍ୟ ଅମ୍ବିକା ବିଡ଼ିକା, ପି. ଗୌରିଶଙ୍କର, ବିଡିଓ ରାଜେନ୍ଦ୍ର ମାଝି ଏବିଡିଓ କାଳୁ ଚରଣ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ନିଜ ବକ୍ତବ୍ୟରେ ଶିକ୍ଷିତ ଯୁବତୀଯୁବକଙ୍କୁ ନିଯୁକ୍ତିଭିତ୍ତିକ ଜ୍ଞାନକୌଶଳ ବୃଦ୍ଧି ନିମନ୍ତେ ଆଗ୍ରହ ମୁତାବକ ତାଲିମ ଚୟନ କରିବା ସହ ସ୍ୱାବଲମ୍ବୀ ହେବା ନିମନ୍ତେ ଆହ୍ୱାନ କରିଥିଲେ। ରାୟଗଡ଼ା ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରୁ ୨୧୮ ବେକାର ଯୁବତୀଯୁବକ ଓ ଅଭିଭାବକମାନେ ଏଥିରେ ଯୋଗଦେଇଥିଲେ। ବିଭିନ୍ନ ରୋଜଗାରଭିତ୍ତିକ ତାଲିମ ପ୍ରଦାନକାରୀ ସଂସ୍ଥା ସହ ଆଲୋଚନାକରି ବିଭିନ୍ନ ଜୀବିକା ବିଷୟରେ ପଚାରି ବୁଝିଥିଲେ। ଏହି ଶିବିରରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ୫ ସଂସ୍ଥା ଯୋଗ ଦେଇଥିଲେ। ୭୪ ଯୁବତୀଯୁବକ ସେମାନଙ୍କ ଇଚ୍ଛା ମୁତାବକ ଜୀବିକା ତାଲିମ ଚୟନ କରିଥିଲେ। ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଅଜିତ କୁମାର ହୋତା, ପିଏ ଗୋପାଳ ପଣ୍ଡା, ବ୍ଲକ୍ ଜୀବିକା ମିଶନର ବିପିଏମ୍ କମଳିନୀ ପଢ଼ିଆରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମସ୍ତ ନିର୍ବାହୀ ଅଧିକାରୀ, ଜିଆର୍‌ଏସ୍, ଯୋଗାଣ ସହାୟକ ଏଥିରେ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ଡିଆରଡିଏ ପିଡି, ଜିଲା ପରିଷଦ ସଭାପତି ଓ ଅନ୍ୟମାନେ।

# ଅଭିଯୋଗ ପୂର୍ବରୁ ପାନୀୟ ଜଳ ସମସ୍ୟା ଦୂରହେଉ



ବୈଠକରେ ଉପସ୍ଥିତ ଜିଲାପାଳ, ଅତିରିକ୍ତ ଜିଲାପାଳ ଓ ଅନ୍ୟ ଅଧକାରୀମାନେ।

- ଅଂଶୁଘାତର ମୁକାବିଲା ନେଇ ଜିଲାପାଳଙ୍କ ସମୀକ୍ଷା
- ଅଂଶୁଘାତ ରୋଗୀଙ୍କ ପାଇଁ ଡାକ୍ତରଖାନାରେ ସ୍ୱତନ୍ତ୍ର ଶଯ୍ୟା ବ୍ୟବସ୍ଥା
- ଗ୍ରୀଷ୍ମପ୍ରବାହ ସମୟରେ ବିଦ୍ୟୁତ୍ କାଟ ନ କରିବାକୁ ନିର୍ଦ୍ଦେଶ

ରାୟଗଡ଼ା ଅଫିସ,୩୧।୩

ରାୟଗଡ଼ା ଜିଲାରେ ଅଂଶୁଘାତର ମୁକାବିଲା ନିମନ୍ତେ ଜିଲାପାଳ ସରୋଜ କୁମାର ମିଶ୍ରଙ୍କ ଅଧକ୍ଷତାରେ ସ୍ଥାନୀୟ ସଦ୍‌ଭାବନା ଗୃହରେ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟତଃ ଗ୍ରୀଷ୍ମ ପ୍ରବହଜନିତ ସମସ୍ୟାକୁ ନେଇ ସ୍ୱାସ୍ଥ୍ୟ, ଗ୍ରାମ୍ୟ ଜଳଯୋଗାଣ ବିଭାଗ, ବିଦ୍ୟୁତ୍, ଶ୍ରମିକ ଓ ପରିବହନ ବିଭାଗର ପ୍ରସ୍ତୁତି ବିଷୟରେ ସମୀକ୍ଷା କରିଥିଲେ। ଜିଲାରେ ପାନୀୟ ଜଳ ସମସ୍ୟା ନେଇ ଅଭିଯୋଗ ପହଞ୍ଚିବା ଆଗରୁ ତାହାର ସମାଧାନ ଉପରେ ଗ୍ରାମ୍ୟ ଜଳ ଯୋଗାଣ ସଂସ୍ଥା ଗୁରୁତ୍ୱ ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଅଚଳ ନଳକୂପ ଗୁଡ଼ିକ ଶୀଘ୍ର ମରାମତି କରାଯାଇ ଜଳ ସମସ୍ୟା ଦୂର ନିମନ୍ତେ ଅଧିକାରୀମାନେ ଉଦ୍ୟମ କରିବାକୁ ଜିଲାପାଳ କହିଥିଲେ। ସେହିପରି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲାଯିବା ସହ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଜୀବନ ରକ୍ଷକ ଔଷଧ, ଓଆର୍‌ଏସ୍, ସାଲାଇନ ମହଜୁଦ ରଖାଯାଇଥିବା କୁହାଯାଇଛି। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଂଶୁଘାତ ରୋଗୀଙ୍କ ପାଇଁ ୪ଟି ଶଯ୍ୟା ସଂରକ୍ଷିତ ରଖାଯାଇଛି। ସେହିପରି ପ୍ରତ୍ୟେକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୩ ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ୨ଟି ଲେଖାଏ ଶଯ୍ୟା ରଖାଯାଇଥିବା କୁହାଯାଇଛି। ଏଥିସହ ବରଫ, କୁଲର ଆଦି ବ୍ୟବସ୍ଥା ମଧ କରାଯାଇଥିବା ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ ରାଜୁ କହିଛନ୍ତି। ଅନ୍ୟପକ୍ଷରେ ଗ୍ରୀଷ୍ମପ୍ରବାହ ସମୟରେ ବିଦ୍ୟୁତ୍ କାଟ ନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି କାର୍ଯ୍ୟକ୍ଷେତ୍ରରେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ କାମ ବନ୍ଦ ରଖାଯିବାକୁ ଓ କାର୍ଯ୍ୟସ୍ଥଳୀରେ ପାନୀୟ ଜଳର ବ୍ୟବସ୍ଥା କରିବା ଦିଗରେ ଶ୍ରମ ବିଭାଗ ପକ୍ଷରୁ ନିୟମିତ ତଦାରଖ କରିବା ନିମନ୍ତେ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବସ୍ ଯାତାୟାତ ନିୟନ୍ତ୍ରଣ, ବସ୍‌ରେ ପାନୀୟ ଜଳ ସୁବିଧା, ବରଫ ଓ ତଉଲିଆ ଆଦି ମହଜୁଦ ରଖିବାକୁ ବସ୍ ମାଲିକଙ୍କୁ ନିର୍ଦ୍ଦେଶ ଦେବାକୁ ଜିଲାପାଳ କହିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ଡିଆର୍‌ଡିଏ ପିଡି ମହେଶ୍ୱର ନାଏକ ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# କୋରାପୁଟ ଜିଲା ସାମ୍ବାଦିକ ସଂଘର ଶପଥପାଠ ଉତ୍ସବ

ଜୟପୁର,୩୧।୩ (ନି.ପ୍ର.)

କୋରାପୁଟ ଜିଲା ସାମ୍ବାଦିକ ସଂଘ ନୂତନ କର୍ମକର୍ତ୍ତାଙ୍କୁ ନେଇ ମଙ୍ଗଳବାର ଶପଥ ପାଠୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ରାଜ୍ୟ ସଭାପତି ଅଜୟ ସାହୁ, ଉପସଭାପତି କୀର୍ତ୍ତିଚନ୍ଦ୍ର ସାହୁ ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଥିଲେ। କୋରାପୁଟ ଜିଲାର ବିକାଶରେ ଆମ ଭୂମିକା ଶୀର୍ଷକ ଏକ ଆଲୋଚନାଚକ୍ର ହୋଇଥିଲା। ସଭାପତି ବିଦ୍ୟାଧର ଚୌଧୁରୀ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଜିଲା ଯୋଜନା ବୋର୍ଡ ଅଧକ୍ଷ ଈଶ୍ୱର ପାଣିଗ୍ରାହୀ, ସମ୍ମାନିତ ଅତିଥି ଜିଲା ବିଜେଡି ସଭାନେତ୍ରୀ ଇନ୍ଦିରା ନନ୍ଦ ଓ ଭାଜପା ନେତା ଗୌତମ ସାମନ୍ତରାୟ ଯୋଗଦେଇ କୋରାପୁଟର ବିକାଶ କରିବାକୁ ହେଲେ ସମସ୍ତେ ଏକତ୍ରିତ ହୋଇ ରହିବାର ଆବଶ୍ୟକତା ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଓଡ଼ିଶା ଅଲିମ୍ପିକ୍ସ ସଂଘ ଉପସଭାପତି ଅନୁପ ପାତ୍ର, ରଣଜୀ ଟ୍ରଫି ଖେଳାଳି ସୁବାସ ରାଉତ, ବି. ବସନ୍ତ ରାଓ, ସନ୍ଧ୍ୟା ନାୟକ, ଖବରଦାତା ରାଜା ସାନା, ସନ୍ଦିପ ଦଳେଇ, ମନୋହର ତ୍ରିପାଠୀ, ରଞ୍ଜନ ମିଶ୍ର, ନବନିର୍ବାଚିତ ବାର ଆସୋସିଏଶନ ସଭାପତି ସରୋଜ ଦାସ ଓ ସମ୍ପାଦକ ଆନନ୍ଦ ରଥଙ୍କୁ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧରେ ଉପସଭାପତି ଗୌରୀ ପଟ୍ଟନାୟକ, ଖବରଦାତା ରବି ନାୟକ,ସତ୍ୟ ପଟ୍ଟନାୟକ,ପବନ ପାଣିଗ୍ରାହୀ, ପରେଶ ରଥ, ସୁବାସ ଦାସ,ପଦ୍ମନାଭ ହୋତା, ରମେଶ ସାହୁ, ଅମିତାଭ ସାହୁ, ଅକ୍ଷୟ ମିଶ୍ରଙ୍କ ସମେତ କୋରାପୁଟ ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା ଖବରଦାତାମାନେ ଉପସ୍ଥିତ ଥିଲେ।

# କଳା, ସଂସ୍କୃତି, ସାହିତ୍ୟକୁ ମନେରଖିବା ଜରୁରୀ

## ଉତ୍କଳ ପୂଜ୍ୟପୂଜା ପରିଷଦର ଶୁଭ ଉଦ୍‌ଘାଟନ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଉମରକୋଟ, ୩୧।୩(ସ୍ୱ.ପ୍ର.)

ଉତ୍କଳ ପୂଜ୍ୟପୂଜା ପରିଷଦର ଶୁଭ ଉଦ୍‌ଘାଟନ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସ୍ଥାନୀୟ ଏସ୍‌ଏସ୍ ଇଣ୍ଟରନାଶନାଲ ହୋଟେଲରେ ଆୟୋଜିତ ହୋଇଛି। ରାଜ୍ୟସଭା ସଦସ୍ୟ ମୁନା ଖାଁ ମୁଖ୍ୟ ଅତିଥି, କବି ବଲ୍ଲଭ ରାଉତ ମୁଖ୍ୟବକ୍ତା, ଶିକ୍ଷାବିତ୍ ଲକ୍ଷ୍ମୀକାନ୍ତ ବାହିନୀପତି, ସାମାଜିକ କର୍ମୀ କାଦମ୍ବିନୀ ତ୍ରିପାଠୀ, ପ୍ରାକ୍ତନ ବିଧାୟକ ସୁବାସ ଗଣ୍ଡ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରୁ ଗାୟତ୍ରୀ ସାହୁ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ସମୀର କୁମାର ପ୍ରଧାନ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଆଧୁନିକ ଯୁଗରେ ପ୍ରଦାର୍ପଣ କଲେ ମଧ ଆମ ସଂସ୍କୃତି, ସାହିତ୍ୟ, କଳାକୁ ନ ଭୂଲିବା ସହ ପୂର୍ବପୁରୁଷଙ୍କ ଇତିହାସକୁ ସବୁବେଳେ ମନେ ରଖିବା ଜରୁରୀ ବୋଲି ଅତିଥି କହିଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା, ଦକ୍ଷତା, ଉତ୍କର୍ଷତା ଓ ମହାନ ଅବଦାନ ରଖିଥିବା ପ୍ରତିଭା ସମୂହକୁ ଚିହ୍ନଟ କରି ସୀକୃତି, ସମ୍ମାନ ଓ ସମ୍ବର୍ଦ୍ଧନା ଦେବା ଅନୁଷ୍ଠାନର ମୂଳଲକ୍ଷ୍ୟ। ଉତ୍କଳୀୟ ସଂସ୍କୃତିର ସୁରକ୍ଷା, ସଂରକ୍ଷଣ, ପ୍ରଚାର ଓ ପ୍ରସାର ସହ ରାଜ୍ୟରେ ଲୋକ ସହଭାଗୀ କଳା, ସଂସ୍କୃତି ଓ ସାମାଜିକ କାର୍ଯ୍ୟକ୍ରମର ବ୍ୟାପକ ଆୟୋଜନ କରୁଛି ପୂଜ୍ୟପୂଜା ପରିଷଦ। ଏହି ଅବସରରେ ଏମ୍‌ପି ମୁନା ଖାଁ, ଲକ୍ଷ୍ମୀକାନ୍ତ ବାହିନୀପତି, କାଦମ୍ବିନୀ ତ୍ରିପାଠୀ,କବି ବଲ୍ଲଭ ରାଉତଙ୍କ ସମେତ କିଛି ପ୍ରମୁଖ ବ୍ୟକ୍ତିବିଶେଷଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଛି।

# ଟାଟାପାୱାର ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ

ଜୟପୁର, ୩୧।୩ (ନି.ପ୍ର.)

ଜୟପୁରସ୍ଥିତ ଟାଟା ପାୱାର ଦକ୍ଷିଣାଞ୍ଚଳ ବିଦ୍ୟୁତ୍ ବିତରକ କମ୍ପାନୀର ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ବିଦ୍ୟୁତ୍ ଦର ବୃଦ୍ଧିର ପ୍ରତିବାଦରେ ବୁଧବାର ଭାଜପା ଘେରିଛି। ଅଧୀକ୍ଷଣ ଯନ୍ତ୍ରୀ ମନ୍ମଥ କୁମାର ମିଶ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆସନ୍ତା ୪ରୁ ଲାଗୁ ହେବାକୁ ଥିବା ବର୍ଦ୍ଧିତ ବିଦ୍ୟୁତ୍ ଦର ପ୍ରତ୍ୟାହାର କରିବାକୁ ଭାଜପା ଦାବି କରିଛି। ନଚେତ ଆଗାମୀ ଦିନରେ ଏହା ବିରୋଧରେ ଜନ ଆନ୍ଦୋଳନ କରିବା ପାଇଁ ବାଧ ହେବ ବୋଲି ଚେତାବନୀ ଦେଇଛି। ଏହି ବିକ୍ଷୋଭରେ ଦେବେନ୍ଦ୍ର ବାହିନିପତି, ଅମର ଲାଲା ଆହୁଜା, ଲଳିତ ଅଗ୍ରୱାଲ, ମିନ କେତନ ପରିଛା, କନ୍ଦ୍ରପ ପାଣିଗ୍ରାହୀ, ବି. ନବୀନ, ରମେଶ ବିଷୋୟୀ, ଲକ୍ଷ୍ମୀ ନାରାୟଣ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟୁତ୍ ଶର୍ଟ ସର୍କିଟରୁ ଦୋକାନ ପୋଡ଼ି ପାଉଁଶ

## ବଣିକ ସଂଘ ଦେଲା ୨୫ ହଜାର ଟଙ୍କା ସହାୟତା

କୋରୁକୋଣ୍ଡା,୩୧।୩(ଡି.ଏନ୍.ଏ.)

ବାଲିମେଳା ସହରର ଦୈନିକ ବଜାରରେ ମଙ୍ଗଳବାର ରାତିରେ ବିଦ୍ୟୁତ୍ ଶର୍ଟ ସର୍କିଟ ଯୋଗୁ ନିଆଁ ଲାଗି ଏକ ଦୋକାନ ସମ୍ପୂର୍ଣ୍ଣ ପୋଡ଼ିଯାଇଛି। ଦୋକାନରେ ଥିବା ସିଲାଇ ମେଶିନ, ସିଲାଇ ପାଇଁ ରଖାଯାଇଥିବା ବହୁ ପ୍ୟାଣ୍ଟଶାର୍ଟ ଓ କପଡ଼ା ପୋଡ଼ି ପାଉଁଶ ହୋଇଯାଇଛି। ଦୋକାନ ମାଲିକ ମହମ୍ମଦ କୁତବୁଦ୍ଦିନ ଓ ତାଙ୍କ ସ୍ତ୍ରୀ ଆସିୟା ବେଗମ ରାତିରେ ଦୋକାନ ବନ୍ଦ କରି ଡ୍ରାଇଭର ଲାଇନ ସ୍ଥିତ ନିଜ ଘରକୁ ଯାଇଥିଲେ। ଭୋରୁ ସ୍ଥାନୀୟ ଲୋକେ ଉକ୍ତ ଦୋକାନରେ ନିଆଁ ଲାଗିଥିବା ଦେଖି କୁତବୁଦ୍ଦିନଙ୍କୁ ଏ ସମ୍ପର୍କରେ ଜଣାଇ ପାଣି ଢାଳି ଲିଭାଇଥିଲେ। ଏ ସମ୍ପର୍କର ଖବର ପାଇ ବାଲିମେଳା ଆର୍‌ଆଇ ଘଟଣାସ୍ଥଳରେ ପହଞ୍ଚି ହୋଇଥିବା କ୍ଷୟକ୍ଷତିର ଆକଳନ କରିଛନ୍ତି। ତେବେ କୁତବୁଦ୍ଦିନ ଓ ତାଙ୍କ ପରିବାର ପୁନର୍ବାର ବ୍ୟବସାୟ ଆରମ୍ଭ କରିବା ପାଇଁ ବାଲିମେଳା ବଣିକ ସଂଘ ପକ୍ଷରୁ ୨୫ ହଜାର ଟଙ୍କା ଚେକ୍ ଆକାରରେ ପ୍ରଦାନ କରାଯାଇଛି। ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ହୋଇଥିବା ଏହି ଗରିବ ବ୍ୟବସାୟୀଙ୍କୁ ପ୍ରଶାସନ ପକ୍ଷରୁ ସରକାରୀ ସହାୟତା ଯୋଗାଇଦେବାକୁ ଅଞ୍ଚଳବାସୀ ଜିଲା ପ୍ରଶାସନକୁ ଅନୁରୋଧ କରିଛନ୍ତି।



ପୋଡ଼ି ଯାଇଥିବା ଦୋକାନ।

# ଚୋରା ବ୍ୟବସାୟୀଙ୍କ କବ୍‌ଜାରେ ମହୁଲଫୁଲ

ଜୟପୁର,୩୧।୩(ନି.ପ୍ର.)

- ମହୁଲଫୁଲ ପାଇଁ ଜିଲାରେ ନାହିଁ ମଣ୍ଡି ବ୍ୟବସ୍ଥା
- ଠିକ୍ ରୂପେ କାର୍ଯ୍ୟକାରୀ ହେଉନି ସରକାରଙ୍କ ନିଷ୍ପତ୍ତି
- ବନ ଓ ଆଦିବାସୀ ଉନ୍ନୟନ ନିଗମ ମଧରେ ସମନ୍ୱୟ ରହୁନି



ମହୁଲଫୁଲ ଗରିବ ଆଦିବାସୀ ମାନଙ୍କ ଆୟ ଓ ଜୀବିକାର୍ଜନର ଏକ ମୁଖ୍ୟ ପନ୍ଥା। ମାର୍ଚ୍ଚରୁ ମେ ମାସ ମଧ୍ୟରେ ସେମାନେ ବଣରୁ ମହୁଲ ସଂଗ୍ରହକରି ବିକ୍ରି କରିଥାନ୍ତି। ପଞ୍ଚାୟତ ସ୍ତରରେ କିମ୍ବା ସରକାରଙ୍କ ପକ୍ଷରୁ ମହୁଲଫୁଲ କିଣାଯାଉ ନ ଥିବାରୁ ଗରିବ ଆଦିବାସୀମାନେ ବାହାର ବ୍ୟବସାୟୀଙ୍କୁ କମ୍ ମୂଲ୍ୟରେ ବିକ୍ରି କରିବାକୁ ବାଧ ହୋଇଥାନ୍ତି। ଫଳରେ ସେମାନେ ସେମାନଙ୍କ ପରିଶ୍ରମର ମୂଲ୍ୟ ପାଆନ୍ତି ନାହିଁ। ଏବେ ମହୁଲଫୁଲର ଅମଳ ଋତୁ ଆରମ୍ଭ ହୋଇଯାଇଥିବାରୁ ଆନ୍ଧ୍ର, ଛତିଶଗଡ଼ର ବ୍ୟବସାୟୀମାନେ ଜୟପୁର ଅଞ୍ଚଳକୁ ଆସି ଡେରା ପକାଇଲେଣି। ସେମାନେ ଜଙ୍ଗଲ ଓ ଅବକାରୀ ବିଭାଗ କର୍ମଚାରୀଙ୍କୁ ହାତ କରି ଅବାଧରେ ଗାଁ ଗହଳିରୁ ମହୁଲଫୁଲ ସଂଗ୍ରହ କରିନେଉଛନ୍ତି। ଫଳରେ ରାଜ୍ୟ ସରକାର ଏ ବାବଦରେ ରାଜସ୍ୱ ହରାଉଛନ୍ତି। ସାଧାରଣତଃ ମହୁଲଫୁଲକୁ ଗୋଖାଦ୍ୟ ଭାବେ ବ୍ୟବହାର କରାଯିବା ସହିତ ଏଥିରୁ ମଦ ପ୍ରସ୍ତୁତ କରାଯାଇଥାଏ। ଔଷଧ ତିଆରିରେ ମଧ ଏହା ବ୍ୟବହୃତ ହୋଇଥାଏ। ମହୁଲ ସଂଗ୍ରହ ପାଇଁ ପ୍ରଶାସନ ହାତଗଣତି କେତେଜଣଙ୍କୁ ଲାଇସେନ୍ସ ପ୍ରଦାନ କରିଛି। ପଞ୍ଚାୟତ ଜରିଆରେ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ ଲାଗି ସରକାରଙ୍କ ପକ୍ଷରୁ ହୋଇଥିବା ନିଷ୍ପତ୍ତି ଏ ଯାଏ ଠିକ୍ ରୂପେ କାର୍ଯ୍ୟକାରୀ ହୋଇପାରୁ ନ ଥିବାରୁ ଆନ୍ଧ୍ର ଓ ଛତିଶଗଡ଼ର ବ୍ୟବସାୟୀମାନେ ଫାଇଦା ଉଠାଉଛନ୍ତି। ବର୍ତ୍ତମାନ ମହୁଲ ଦର କେଜି ପିଛା ୮ ଟଙ୍କା ଥିବାବେଳେ ବ୍ୟବସାୟୀମାନେ ୪ରୁ ୫ ଟଙ୍କା ଦେଇ ଏହା ଆଦିବାସୀଙ୍କଠାରୁ କିଣି ନେଉଛନ୍ତି। ଜୟପୁର ଉପଖଣ୍ଡ ଅନ୍ତର୍ଗତ ବୈପାରିଗୁଡ଼ା, କୁନ୍ଦୁରା ଅଞ୍ଚଳରୁ ପ୍ରାୟ ୫ ଶହ ହେକ୍ଟରରୁ ଅଧିକ ଜମିରୁ ମହୁଲ ଉତ୍ପାଦନ ହେଉଛି। ଏନେଇ ସରକାରଙ୍କ ସ୍ପଷ୍ଟ ନୀତି ନ ଥିବାରୁ ସଂଗ୍ରହକାରୀଙ୍କୁ ଉପଯୁକ୍ତ ମୂଲ୍ୟ ମିଳିପାରୁନାହିଁ। ମାର୍ଚ୍ଚ ଆରମ୍ଭରୁ ମହୁଲ ସଂଗ୍ରହ କରାଯାଉଥିବା ବେଳେ ପରେ ମହୁଲର ଫଳ, ଟୋଲ ସଂଗ୍ରହ କରାଯାଇଥାଏ। ସଂଗ୍ରହକାରୀଙ୍କ ହିତକୁ ଦୃଷ୍ଟିରେ ରଖି ସରକାର ୨୦୦୦ ମାର୍ଚ୍ଚରେ ଅଣକାଷ୍ଠ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ ଓ ବିକ୍ରିବଟା ସମ୍ପର୍କରେ ଏକ ନୀତି ପ୍ରଣୟନ କରିଥିଲେ। କିନ୍ତୁ ଏଥିରେ ଦର ନିର୍ଦ୍ଧାରଣ ନେଇ କୌଣସି ସ୍ୱଷ୍ଟ ସୂଚନା ନ ଥିବାରୁ ୨୦୦୦ ମସିହା ନଭେମ୍ବର ୧୪ରେ ଓଡ଼ିଶା ପଞ୍ଚାୟତ ଲଘୁ ବନଜାତ ଦ୍ରବ୍ୟ ପରିଚାଳନା ନିୟମାବଳୀ ପ୍ରଣୟନ କରାଯାଇଥିଲା। ଏଥିରେ ପଞ୍ଚାୟତଗୁଡ଼ିକୁ ସେପ୍ଟେମ୍ବର ସୁଦ୍ଧା ଲଘୁ ବନଜାତ ଦ୍ରବ୍ୟଗୁଡିକର ସର୍ବନିମ୍ନ ସଂଗ୍ରହ ମୂଲ୍ୟ ଧାର୍ଯ୍ୟ ଲାଗି ନିର୍ଦ୍ଦେଶ ଥିଲା। ପଞ୍ଚାୟତ ସମିତି ସହ ବନ ବିଭାଗ ଓ ଆଦିବାସୀ ଉନ୍ନୟନ ନିଗମର ଅଧିକାରୀମାନେ ମିଳିତ ଭାବେ ଦର ନିର୍ଦ୍ଧାରଣ କରିବାର ନିୟମ ରହିଥିଲା। ଏମାନଙ୍କ ମଧରେ ସମନ୍ୱୟ ରହୁ ନ ଥିବାରୁ ମହୁଲ ଦର ନିର୍ଦ୍ଧାରଣ ହୋଇପାରୁନାହିଁ। ଫଳରେ ମହୁଲ ସଂଗ୍ରହକାରୀ ବ୍ୟବାସାୟୀଙ୍କ ଶୋଷଣର ଶିକାର ହେବାରେ ଲାଗିଛନ୍ତି। କୋରାପୁଟ ଜିଲାରେ ମହୁଲ ପାଇଁ ମଣ୍ଡି ବ୍ୟବସ୍ଥା ମଧ ନାହିଁ। ଏହା ଥିଲେ ହୁଏତ ମହୁଲ ସଂଗ୍ରହକାରୀ ଉଚିତ ପ୍ରାପ୍ୟ ପାଇପାରନ୍ତେ। ଜୟପୁର ଉପଖଣ୍ଡରେ ମହୁଲ ଦର, ପ୍ରତିବର୍ଷ କେତେ ମହୁଲ ଉତ୍ପାଦନ ହେଉଛି ଏବଂ ମହୁଲଫୁଲର ଚୋରା କାରବାର ରୋକିବା ଲାଗି ପ୍ରଶାସନ କି ପଦକ୍ଷେପ ନେଉଛି ସେ ସମ୍ପର୍କରେ ପଚାରିଲେ ଅବକାରୀ ବିଭାଗରୁ କୌଣସି ଉତ୍ତର ମିଳୁନାହିଁ। ଜୟପୁର ବଜାର ନିୟନ୍ତ୍ରଣ କମିଟି ସମ୍ପାଦକ ରାଜେନ୍ଦ୍ର କୁମାର ଖରାଙ୍କୁ ଏନେଇ ପଚାରିବାରୁ ସେ କହିଲେ, ମହୁଲଫୁଲ କିଣିବାକୁ କୌଣସି ମଣ୍ଡି ବ୍ୟବସ୍ଥା ନାହିଁ। ଜିଲାରେ ବିହାରୀ ଭାଟି ସଂଖ୍ୟା ବଢ଼ି ଚାଲିଥିବାରୁ ମହୁଲଫୁଲ କ୍ରୟ ବ୍ୟବସ୍ଥା ସେମାନଙ୍କ କବ୍‌ଜାରେ ହିଁ ରହୁଛି।

